## ସଂକ୍ଷେପରେ

### ଓଡ଼ିଶା ବାସ୍କେଟବଲ୍ ଦଳରେ ଗଞ୍ଜାମର ୩ ଝିଅ



**ବ୍ରହ୍ମପୁର ଅଫିସ୍,୪।୧୨:** ମହାରାଷ୍ଟ୍ରର ସତ୍ରାରେ ଆସନ୍ତା ୧୧ରୁ ୧୪ତାରିଖ ପର୍ଯ୍ୟନ୍ତ ୬୫ତମ ଜାତୀୟ ସ୍କୁଲ ଗେମ୍ସ(୧୭ବର୍ଷରୁ କମ୍) ପ୍ରତିଯୋଗିତା ଅନୁଷ୍ଠିତ ହେବାକୁ ଯାଉଛି। ଏଥିରେ ଭାଗନେବା ପାଇଁ ଓଡ଼ିଶା ବାଳିକା ବାସ୍କେଟବଲ୍ ଦଳ ଚୟନ ହୋଇଯାଇଛି। ଦଳରେ ଗଞ୍ଜାମର ୩ ଝିଅ ସାମିଲ୍ ହୋଇଛନ୍ତି । ସେମାନେ ହେଲେ ସ୍ୱାଗତିକା ସାହୁ, କରିସ୍ମା ବେହେରା ଏବଂ ସୋନାଲି ତ୍ରିପାଠୀ । ଏହି ଖେଳାଳିମାନେ ଅର୍ନ୍ତଜାତୀୟ ରେଫ୍ରି ତଥା କୋଚ୍ ରାଜ୍ ନାରାୟଣ ପାତ୍ରଙ୍କଠାରୁ ପ୍ରଶିକ୍ଷଣ ଗ୍ରହଣ କରୁଛନ୍ତି ।

### ଯୁବକଙ୍କ ଗଳା କାଟି ହତ୍ୟା ଘଟଣା

## ଅଭିଯୁକ୍ତ ଚିହ୍ନଟ, ଧରିବାକୁ ଟିମ୍ ଗଠନ

**ବ୍ରହ୍ମପୁର ଅଫିସ,୪।୧୨:** ଗଞ୍ଜାମ ଜିଲା ବ୍ରହ୍ମପୁର ରେଲଷ୍ଟେଶନ ୪ ନମ୍ବର ପ୍ଲାଟଫର୍ମ ନିକଟରେ ମଙ୍ଗଳବାର ରାତି ପ୍ରାୟ ୧୦ ଟାରେ ଅନିଲ ପଣ୍ଡା (୧୮)ଙ୍କ ଗଳାକାଟି ହତ୍ୟା କରାଯାଇଥିଲା। ସରକାରୀ ରେଳବାଇ ପୋଲିସ ଅଭିଯୁକ୍ତଙ୍କୁ ଚିହ୍ନଟ କରିପାରିଛି। ବୁଧବାର ପୋଲିସ ଯୁବକଙ୍କ ମୃତଦେହ ପଞ୍ଚନାମା କରି ବ୍ୟବଚ୍ଛେଦ ପାଇଁ ପଠାଇଛି। ମୃତ ଅନିଲଙ୍କ ବଡଭାଇ ସୁନିଲଙ୍କ ଅଭିଯୋଗ କ୍ରମେ ନଂ. ୧୨୦/୧୯ରେ ଏକ ହତ୍ୟା ମାମଲା ରୁଜୁ କରିଛି। ଜିଆରପି ଡ଼ିଏସ୍ପି ଚନ୍ଦ୍ର ଶେଖର ସାହୁଙ୍କ ନେତୃତ୍ୱରେ ଥାନାଧିକାରୀ ସୁକାନ୍ତ ଭୋଇ ଓ କେତେକ ଅଫିସରଙ୍କୁ ନେଇ ଏକ ଟିମ୍ ଗଠନ କରାଯାଇଛି। ଅଭିଯୁକ୍ତଙ୍କ ଘର କୋଦଳା ଥାନା ସୁମଣ୍ଡଳ ବୋଲି ପୋଲିସ ଜାଣିବାକୁ ପାଇଛି। ପୋଲିସ ଏବେ ଅଭିଯୁକ୍ତଙ୍କ ମୋବାଇଲ ଫୋନ ନମ୍ବର ଟ୍ରାକିଂ କରୁଥିବା ବେଳେ ଅଭିଯୁକ୍ତଙ୍କ ଗତିବିଧି ଉପରେ ନଜର ରଖିଥିବା କୁହାଯାଇଛି। ସାଇଣ୍ଟିଫିକ ଟିମ୍ ବୁଧବାର ଘଟଣାସ୍ଥଳରେ ପହଞ୍ଚି ରକ୍ତ ନମୁନା ସଂଗ୍ରହ କରିଛି। ଅନ୍ୟପଟେ ଘଟଣାର ପ୍ରତ୍ୟକ୍ଷଦର୍ଶୀଙ୍କ ସୂଚନା ପ୍ରକାରେ ଅଭିଯୁକ୍ତଙ୍କୁ ପୋଲିସ ଚିହ୍ନଟ କରିଛି। ସେ ରହୁଥିବା ଗୁଡ୍ସସେଡ଼ ରୋଡ ଘରେ ଚଢାଉ କରି ତାଙ୍କ ଫୋଟ ପୋଲିସ ଜବତ କରିଛି। ପ୍ରକାଶ ଯେ, ମଙ୍ଗଳବାର ରାତିରେ ଅନିଲ ରେଲଷ୍ଟେଶନ ୪ ନମ୍ବର ପ୍ଲାଟଫର୍ମ ପଟକୁ ଯାଉଥିବା ବେଳେ ଜଣେ ଯୁବକ ତାଙ୍କୁ ଅଟକାଇ ଝଗଡା କରିଥିଲେ। ପରେ ସେ ଧରିଥିବା ଏକ ଧାରୁଆ ଅସ୍ତ୍ରରେ ତାଙ୍କ ଗଳାକଟି ହତ୍ୟା କରି ଘଟଣାସ୍ଥଳରୁ ଫେରାର ହୋଇଯାଇଥିଲେ।

### ମୁକୁଳିଲେ ୪୨ ନିର୍ଯାତିତ ଦାଦନ

# ଖାଦ୍ୟ କି ଦରମା ମିଳୁ ନ ଥିଲା

**ବ୍ରହ୍ମପୁର ଅଫିସ୍,୪।୧୨**

କର୍ନାଟକରେ ୩ ମାସ ହେଲା ଦରମା କିମ୍ବା ଖାଦ୍ୟ ନ ପାଇ ନିର୍ଯାତିତ ହେଉଥିବା ୪୨ ଶ୍ରମିକ ନିଜସ୍ୱ ଉଦ୍ୟମରେ ଘରକୁ ଫେରିଛନ୍ତି। ମଙ୍ଗଳବାର ରାତିରେ ଏକ ଟ୍ରେନ୍‌ରେ ବ୍ରହ୍ମପୁରରେ ପହଞ୍ଚିଥିଲେ। ବୁଧବାର ଶ୍ରମ ଅଧିକାରୀଙ୍କୁ ସାକ୍ଷାତ କରି ସେମାନଙ୍କ ଅଭିଯୋଗ ଦାଖଲ କରିଥିଲେ। ଦିଗପହଣ୍ଡି, ସାନଖେମୁଣ୍ଡି, ହିଞ୍ଜିଳି, ଶେରଗଡ଼ ଓ ଆସିକା ବ୍ଲକ ଅର୍ନ୍ତଗତ ବିଭିନ୍ନ ଗ୍ରାମର ୪୨ ଶ୍ରମିକ ୩ ମାସ ତଳେ ୨ ଜଣ ଦଲାଲଙ୍କ ସହାୟତାରେ କର୍ନାଟକର ୱାଡ଼ି ଜଙ୍ଗସନ୍‌ରେ ଥିବା ଏକ ରେଳ କଂକ୍ରିଟ୍ ସ୍ଲିପର କାରଖାନାରେ କାମ କରିବାକୁ ଯାଇଥିଲେ। ସେମାନଙ୍କୁ ମାସିକ ୧୪ ହଜାର ଟଙ୍କା ଦରମା ସହିତ ଖାଇବା ଓ ରହିବା ପ୍ରତିଶ୍ରୁତି ଦିଆଯାଇଥିଲା। ଆଡ଼ପଡ଼ାର ଅଳୟ ସାମଲ, ମହେନ୍ଦ୍ର ଜେନା ଏବଂ ସେମାନଙ୍କର ଦୁଇ ସହଯୋଗୀ ଭୀଷ୍ମଗିରିର ବି. ରାଜା ରେଡ୍ଡୀ ଏବଂ ଖଲ୍ଲିକୋଟର ଆଲୋକ ପ୍ରମୁଖଙ୍କ ସହାୟତାରେ କର୍ନାଟକ ଯାଇଥିଲେ। ସେଠାରେ ସେମାନଙ୍କୁ ବିନା ଓଭର ଡ୍ୟୁଟିରେ ଦୈନିକ ୧୦ରୁ ୧୨ ଘଣ୍ଟା ଖଟାଇବା ସହ ବିଭିନ୍ନ ନିର୍ଯାତନା ଦିଆଯାଉଥିଲା। ଦୈନିକ ତିନି ଥର ପରିବର୍ତ୍ତେ ଦୁଇଥର ଖାଇବାକୁ ଦେବା ସହ ମାସ ଶେଷରେ ମଜୁରି ଆଦୌ ନ ଦେଇ ଖଟାଗଲା । ଠିକାଦାରର ମନମୁଖୀ କାମର ପ୍ରତିବାଦ କଲେ ଏହି ଶ୍ରମିକମାନଙ୍କୁ ଉପରୋକ୍ତ ଦଲାଲଙ୍କ ଦ୍ୱାରା ନିଯୁକ୍ତ ଗୁଣ୍ଡାମାନେ ମାଡ଼ ମାରିବା ସହ ହତ୍ୟା କରିବାକୁ ଧମକ ଦେଉଥିଲେ। ଏପରିକି ଶ୍ରମିକମନେ ଘରକୁ ଫେରିବାକୁ ଚାହିଁଲେ ବି ସେମାନେ ଛାଡୁ ନ ଥିଲେ। ଏହିଭଳି ଆତଙ୍କିତ ଅବସ୍ଥାରେ ସେମାନେ ଦୀର୍ଘ ୩ ମାସ ଧରି କାମ କରିବା ପରେ ନିଜ ହକ୍ ପାଇଁ ସ୍ଥାନୀୟ ପ୍ରଶାସନ ଏବଂ ପୋଲିସର ଆଶ୍ରୟ ନେଇଥିଲେ। ସେମାନଙ୍କ ମଧ୍ୟସ୍ଥତାରେ ଶ୍ରମିକମାନଙ୍କୁ ୩ ମାସର ପ୍ରାପ୍ୟ ଦେବାକୁ ଠିକାଦାର ରାଜି ହୋଇଥିଲେ ମଧ ପରେ ସବୁ ଦଲାଲମାନଙ୍କୁ ଦେଇ ଦିଆଗଲା। ସେମାନଙ୍କଠାରୁ ନେଇଯିବାକୁ ଠିକାଦାରଙ୍କ ପକ୍ଷରୁ କୁହାଗଲା। ଏ ନେଇ ଥାନାରେ ଅଭିଯୋଗ କଲେ ସେମାନେ ଧମକ ଦେଇଛନ୍ତି। ଏହିଭଳି ପରିସ୍ଥିତିରେ ସମ୍ପୃକ୍ତ ଶ୍ରମିକମାନେ ଜୀବନ ବିକଳରେ ମଙ୍ଗଳବାର ସନ୍ଧ୍ୟାରେ ବ୍ରହ୍ମପୁର ଫେରିବା ସହ ଗୁରୁବାର ଆଇଏଫ୍‌ଟିୟୁର ଆବାହକ ପ୍ରତାପ ଚନ୍ଦ୍ର ପ୍ରଧାନ ଓ ବରିଷ୍ଠ ବାମପନ୍ଥୀ ନେତା ଭାଲଚନ୍ଦ୍ର ଷଡ଼ଙ୍ଗୀଙ୍କ ସହଯୋଗରେ ସ୍ଥାନୀୟ ଜିଲା ଶ୍ରମ ଅଧିକାରୀ ବାବୁ ପାତ୍ର ଏବଂ ଶ୍ରମ କମିଶନର ଦିପ୍ତୀ ରଞ୍ଜନ ମହାନ୍ତିଙ୍କୁ ସାକ୍ଷାତ କରିଥିଲେ । ସମ୍ପୃକ୍ତ ଦଲାଲଙ୍କଠାରୁ ପ୍ରାପ୍ୟ ପାଇବା ବ୍ୟବସ୍ଥା କରିବାକୁ ଅନୁରୋଧ କରିଥିଲେ। ଶ୍ରମିକମାନଙ୍କ ପକ୍ଷରୁ ମିଥୁନ ପ୍ରଧାନ, କାଳିଆ ଭୋଳ, କାହ୍ନା ମହାନ୍ତି, ସୁଦାମ ସେଠୀ, ସନାତନ ଗୌଡ଼ ପ୍ରମୁଖ ଏହାର ନେତୃତ୍ୱ ନେଇଥିଲେ। ଶ୍ରମିକମାନଙ୍କ ବୟାନ ରେକର୍ଡ଼ କରାଯାଇଥିଲା। ଶ୍ରମ ଅଧିକାରୀଙ୍କ ସହାୟତାରେ ଗାଁକୁ ଫେରିଛନ୍ତି । ଜିଲାରେ ବେଆଇନ ଭାବେ ଦଲାଲାମାନଙ୍କ ଜରିଆରେ ଚାଲିଥିବା ଏଭଳି ଶ୍ରମିକ ଚାଲାଣ ଏବଂ ଶୋଷଣ ବିରୁଦ୍ଧରେ କାର୍ଯ୍ୟାନୁଷ୍ଠାନ ନେବାକୁ ଆଇଏଫ୍‌ଟିୟୁ ପକ୍ଷରୁ ଶ୍ରମିକ ନେତା ପ୍ରତାପ ଚନ୍ଦ୍ର ପ୍ରଧାନ ଦାବି କରିଛନ୍ତି । ଗୁରୁବାର ଉପରୋକ୍ତ ଶ୍ରମିକମାନଙ୍କ ପକ୍ଷରୁ ଏକ ପ୍ରତିନିଧି ଦଳ ଏସ୍‌ପିଙ୍କୁ ଭେଟି ସମ୍ପୃକ୍ତ ଦଲାଲ ବିରୁଦ୍ଧରେ କାର୍ଯ୍ୟାନୁଷ୍ଠାନ ନେବାକୁ ଦାବି କରିବ ବୋଲି ସୂଚନା ଦିଆଯାଇଛି ।



ଉଦ୍ଧାର ହୋଇଥିବା ନିର୍ଯାତିତ ଶ୍ରମିକମାନେ ।

### ୫୮ଏକର ଜମିରେ ଗଞ୍ଜେଇ ଚାଷ ନଷ୍ଟ

**ପାରଳାଖେମୁଣ୍ଡି,୪।୧୨(ସ୍ୱ.ପ୍ର.)**

ଗଜପତି ଜିଲା ଆର୍. ଉଦୟଗିରି ବ୍ଲକ୍ ଛେଲାଗଡ଼ ପଞ୍ଚାୟତ ଅଧୀନ କାନିକିପଦର ଓ ବାଲିସାହି ଅଞ୍ଚଳରେ ଅବକାରୀ ବିଭାଗ ଓ ପୋଲିସ ପକ୍ଷରୁ ମିଳିତ ଚଢାଉ କରାଯାଇ ବିପୁଳ ପରିମାଣରେ ୫୮ ଏକର ଜମିରେ ଗଞ୍ଜେଇ ଚାଷ କରାଯାଇଥିବା ସୂଚନା ମିଳିଛି। ଜିଲାପାଳ ଅନୁପମ ଶାହା, ଏସ୍‌ପି ସାରା ଶର୍ମା ଏବଂ ଅବକାରୀ ଅଧୀକ୍ଷକ ପ୍ରଦୀପ ପାଣିଗ୍ରାହୀଙ୍କ ନିର୍ଦ୍ଦେଶକ୍ରମେ ଏହି ଚଢାଉ କରାଯାଇଥିଲା। ଚଢ଼ାଉ ସମୟରେ ୧ଲକ୍ଷ ୧୭ହଜାର ୩୮୦ ଗଞ୍ଜେଇ ଗଛ ପୋଡ଼ି ନଷ୍ଟ କରାଯାଇଥିବା ଜଣାପଡ଼ିଛି। ଏହାର ଆନୁମାନିକ ମୂଲ୍ୟ ପ୍ରାୟ ୧୧କୋଟିରୁ ଉର୍ଦ୍ଧ୍ୱ ଟଙ୍କା ହେବ ବୋଲି ଜଣାପଡ଼ିଛି । ଏ ନେଇ ଆର୍. ଉଦୟଗିରି ଥାନା ନମ୍ବର ୧୩୧/୧୯ରେ ଏକ ମାମଲା ରୁଜୁ ହୋଇଛି। ଚଢାଉ ସମୟରେ ଆର୍. ଉଦୟଗିରି ବ୍ଲକ୍‌ର ଅତିରିକ୍ତ ତହସିଲଦାର ଶିବାଶିଷ ପଣ୍ଡା ମାଜିଷ୍ଟ୍ରେଟ ଦାୟିତ୍ୱରେ ଉପସ୍ଥିତ ଥିବାବେଳେ ପୋଲିସ ଅଧିକାରୀ ରମେଶ ଜେନା, ଅବକାରୀ ବିଭାଗର ଅଧିକାରୀ ସୁରୀ ରାଓଙ୍କ ସମେତ ବହୁ କର୍ମଚାରୀ ଉପସ୍ଥିତ ଥିଲେ।

# ଗଞ୍ଜାମ ଫୁଟବଲ୍ ଦଳ ଘୋଷିତ



ଦଳରେ ସାମିଲ୍ ଖେଳାଳିମାନେ ।

**ବ୍ରହ୍ମପୁର ଅଫିସ୍,୪।୧୨**

ଢେଙ୍କାନାଳରେ ୬୦ତମ ବରିଷ୍ଠ ପୁରୁଷ ଆନ୍ତଃଜିଲା ସାହାଣୀ କପ୍ ଫୁଟବଲ୍ ଚାମ୍ପିୟନସିପ୍ ମଙ୍ଗଳବାରରୁ ଆରମ୍ଭ ହୋଇଯାଇଛି। ଏହି ପ୍ରତିଯୋଗିତାରେ ଭାଗନେବା ପାଇଁ ଗଞ୍ଜାମ ଦଳ ଘୋଷଣା କରାଯାଇଛି। ଦଳରେ କେ.ନୀଳକଣ୍ଠ ରେଡ୍ଡୀ, ଶଙ୍କର ସେଠୀ, ଆଶିଷ ବିଷୋୟୀ, ତ୍ରିଦେବ ମୁଖୀ, ଭୈରବ ଗୁଡ୍ଡୁ, ସାଗର ଚୌଧୁରୀ, ସମ୍ବିତ କୁମାର ଦାସ, ପିଣ୍ଟୁ ବେହେରା, ଶିବରାମ ନାଏକ, ଶଙ୍କେଶ୍ୱର ମୁର୍ମୁ, ଅଜିତ ମୁଖୀ, ଶିବଶଙ୍କର ଦାସ, ପି.ଗୋପାଳ କ୍ରିଷ୍ଣ. ଏ.ହିମାଂଶୁ, ସୁନିଲ ନାଏକ, କେ.ବାସୁ, ସୁଶାନ୍ତ ସୋରେନ୍, ସଞ୍ଜୟ ନାଏକ, ମ୍ୟାନେଜର୍ ରମେଶ ବେହେରା ଏବଂ କୋଚ୍ ସୁଧାଂଶୁ ଶେଖର ବେହେରାଙ୍କୁ ଚୟନ କରାଯାଇଛି । ଖେଳାଳିଙ୍କ ଜିଲା କ୍ରୀଡ଼ା ସଂସଦ ସାଧାରଣ ସମ୍ପାଦକ ଅଶୋକ କୁମାର ସାହୁଙ୍କ ସମେତ ସମସ୍ତ କର୍ମକର୍ତ୍ତା ଶୁଭେଚ୍ଛା ଜ୍ଞାପନ କରିଛନ୍ତି ।

## ‘ପୋଲିସ ବିଶୃଙ୍ଖଳା ପରିସ୍ଥିତି ସୃଷ୍ଟି କରୁଛି’

**ପାରଳାଖେମୁଣ୍ଡି, ୪।୧୨(ସ୍ୱ.ପ୍ର.)**

ପାରଳାଖେମୁଣ୍ଡି ସ୍ଥିତ ଜିଲା ଭାଜପା କାର୍ଯ୍ୟାଳୟ ପରିସରରେ ବୁଧବାର ବିଧାୟକ କେ. ନାରାୟଣ ରାଓଙ୍କ ଦ୍ୱାରା ଏକ ଖବରଦାତା ସମ୍ମିଳନୀ ଅନୁଷ୍ଠିତ ହୋଇଛି। ଜିଲାରେ ପୋଲିସ ମାତ୍ରାଧିକ ବିଶୃଙ୍ଖଳା ପରିସ୍ଥିତି ସୃଷ୍ଟି କରିବା ସହ ବାରମ୍ବାର ଭାଜପା ନେତାମାନଙ୍କୁ ହଇରାଣ କରାଯାଉଛି ବୋଲି ବିଧାୟକ କହିଛନ୍ତି। ଜିଲାର ଗୋଷାଣୀ ଓ ଗୁମ୍ମା ବ୍ଲକ୍ ଅଞ୍ଚଳରେ ପୋଲିସ ପ୍ରଶାସନ ବିଭିନ୍ନ ଘଟଣାରେ ହସ୍ତକ୍ଷେପ କରି ଅଶାନ୍ତି ସୃଷ୍ଟି କରୁଛି। ସାଧାରଣ ନିର୍ବାଚନ ପୂର୍ବରୁ ଓ ପରଠାରୁ ଆରମ୍ଭ କରି ଗାରାବନ୍ଧ ଥାନା ଅଞ୍ଚଳରେ ପ୍ରାୟ ୨୫ ଭାଜପା କର୍ମକର୍ତ୍ତାଙ୍କ ବିରୁଦ୍ଧରେ ମିଥ୍ୟା ମକଦ୍ଦମା କରି ସଙ୍ଗୀନ ଦଫା ଲଗାଯାଇଛି । ସୁପ୍ରିମକୋର୍ଟଙ୍କ ରାୟ ଅନୁସାରେ ଯେଉଁଠି ଷ୍ଟେଶନ୍ ବେଲ୍ ହୋଇପାରିବ ସେଠାରେ ତାହା ନ କରାଯାଇ ଅଯଥା ଭାଜପା କର୍ମକର୍ତ୍ତାଙ୍କୁ ଟାର୍ଗେଟ କରାଯାଇ ଏପରି କରାଯାଉଛି ବୋଲି ସେ ସମ୍ମିଳନୀରେ ଅଭିଯୋଗ ଆଣଛନ୍ତି। ତେଣୁ ପ୍ରଶାସନ ଏହି ସବୁ ଘଟଣାରେ ଉଚିତ ନ୍ୟାୟ ନ ଦେଇ ଏକତରଫା କାର୍ଯ୍ୟ କଲେ ଆଗାମୀ ଦିନରେ ଦଳ ପକ୍ଷରୁ ଆନ୍ଦୋଳନକୁ ତୀବ୍ର କରାଯିବ ବୋଲି ସେ କହିଛନ୍ତି । ସମ୍ମିଳନୀରେ ଅନ୍ୟମାନଙ୍କ ମଧ୍ୟରେ ଭାଜପା ଜିଲା ସଭାପତି ଜି. ଭେଙ୍କଟରାବଣା, ପୂର୍ବତନ ଜିଲାପରିଷଦ ଅଧକ୍ଷା ପି. ଲତା, ପୂର୍ବତନ ନଗରପାଳ ପି. କ୍ରିଷ୍ଣା, ତ୍ରିପତୀ ନାୟକ, ବରିଷ୍ଠ ଭାଜପା ନେତା ଏମ୍. ଗୋପାଳ ରାଓ ଉପସ୍ଥିତ ଥିଲେ।

### ୫-ଟି ଅସାମ୍ବିଧାନିକ: ଭାରତୀୟ ବିକାଶ ପରିଷଦର ଅଭିଯୋଗ

## ରାଜ୍ୟରେ ରାଷ୍ଟ୍ରପତି ଶାସନ ଜାରି କରିବାକୁ ଦାବି

**ବ୍ରହ୍ମପୁର ଅଫିସ,୪।୧୨**

ରାଜ୍ୟ ସରକାରଙ୍କ ଦ୍ୱାରା ପ୍ରଚଳିତ ୫-ଟି ସମ୍ପୂର୍ଣ୍ଣ ଅସମ୍ବିଧାନିକ । ଏଭଳି ଅଭିଯୋଗ କରିଛି ଭାରତୀୟ ବିକାଶ ପରିଷଦ । ଏହା ଓଡିଶା ସରକାରଙ୍କ ରୁଲସ ଅଫ ବିଜିନେସ ୧୯୫୦ ଓ ସମ୍ବିଧାନର ଧାରା ୧୬୬ର ଉଲଂଘନ ବୋଲି ପରିଷଦ ବୁଧବାର ବ୍ରହ୍ମପୁର ବିଜିପୁର ସନ୍ତୋଷୀ ମା’ କଲ୍ୟାଣ ମଣ୍ଡରେ ଆୟୋଜିତ ଖବରଦାତା ସମ୍ମିଳନୀରେ ପ୍ରକାଶ କରିଛି। ନିୟମପ୍ରକାରେ ବର୍ତ୍ତମାନ ରାଜ୍ୟରେ ୩୪ ବିଭାଗ କାର୍ଯ୍ୟ କରୁଛି । ଏହାକୁ ବାଦ ଦେଇ କୌଣସି ନୂତନ ବିଭାଗ ସୃଷ୍ଟି କରିବାକୁ ହେଲେ ତାହା ରାଜ୍ୟ କ୍ୟାବିନେଟର ଅନୁମୋଦନ ସହ ରାଜ୍ୟପାଳଙ୍କ ସ୍ୱୀକୃତିର ଆବଶ୍ୟକତା ରହିଛି । କିନ୍ତୁ ମୁଖ୍ୟମନ୍ତ୍ରୀଙ୍କ ଦ୍ୱାରା ଗଠିତ ୫-ଟି ବିଭାଗ କ୍ୟାବିନେଟ ଅନୁମୋଦନ ଓ ରାଜ୍ୟପାଳଙ୍କ ସ୍ୱିକୃତି ବିନା ଖୋଲା ଯାଇଥିବା ପରିଷଦ ସଭାପତି ସୁରେନ୍ଦ୍ର ପାଣିଗ୍ରାହୀ ଅଭିଯୋଗ କରିଛନ୍ତି। ଏହାବ୍ୟତୀତ କାଳିଆ ଯୋଜନା ନାମରେ ରାଜକୋଷରୁ କୋଟି କୋଟି ଟଙ୍କା ହରିଲୁଟ କରାଯାଇଛି । ଜାତୀୟ ଖାଦ୍ୟ ନିରାପତ୍ତା ଆଇନ ଜରିଆରେ ୨୦୧୩ ରୁ ପ୍ରତ୍ୟେକ ବର୍ଷ ୧୯ଲକ୍ଷ ଅବୈଧ ହିତାଧିକାରୀଙ୍କୁ ଚାଉଳ ବଣ୍ଟନ କରାଯାଉଥିବା ପରିଷଦ ସଭାପତି ଅଭିଯୋଗ କରିଛନ୍ତି। ଉପରୋକ୍ତ ସମସ୍ତ ଅଭିଯୋଗ ଉପରେ ତଦନ୍ତ କରି ତତ୍କାଳୀନ ସମସ୍ତ ସଚିବ ଓ ମୁଖ୍ୟ ଶାସନ ସଚିବଙ୍କ ଉପରେ କାର୍ଯ୍ୟାନୁଷ୍ଠାନ ଗ୍ରହଣ କରିବା ସହ ରାଜ୍ୟରେ ରାଷ୍ଟ୍ରପତି ଶାସନ ଜାରି କରିବାକୁ ପରିଷଦ ଦାବି କରିଛି । ଏନେଇ ରାଷ୍ଟ୍ରପତି, ପ୍ରଧାନମନ୍ତ୍ରୀ ଓ ରାଜ୍ୟପାଳଙ୍କୁ ଲିଖିତ ଜଣାଯାଇଛି। ଆଗାମୀ ୧୫ ଦିନ ମଧ୍ୟରେ ପଦକ୍ଷେପ ଗ୍ରହଣ କରା ନ ଗଲେ ହାଇକୋର୍ଟରେ ପିଟିସନ ଦାଖଲ କରିବାକୁ ପରିଷଦ ଚେତାବନୀ ଶୁଣାଇଛି । ଖବରଦାତା ସମ୍ମିଳନୀରେ ମନୋଜ କୁମାର ବିଷୋୟୀ, କିଶୋର ଚନ୍ଦ୍ର ପାତ୍ର, ରେହିତ ଦାଶ, ଶ୍ୟାମସୁନ୍ଦର ଖାଡଙ୍ଗା, ଆସପତ ଅଲ୍ଲୀ, ରବୀନ୍ଦ୍ର କୁମାର ନାୟକ, ଶଙ୍କର ସାହୁ, ଗୁରୁ ଚରଣ ପାତ୍ର, ପ୍ରଭାତ କିରଣ ଷଡଙ୍ଗୀ ପ୍ରମୁଖ ମଞ୍ଚାସୀନ ଥିଲେ।



ଖବରଦାତା ସମ୍ମିଳନୀରେ ପରିଷଦ କର୍ମକର୍ତ୍ତା ।

## ବଳାତ୍କାର ମାମଲା, ଅଭିଯୁକ୍ତ ନିର୍ଦ୍ଦୋଷ

**ବ୍ରହ୍ମପୁର ଅଫିସ୍,୪।୧୨**

ଗଞ୍ଜାମ ଜିଲା ଅତିରିକ୍ତ ଦୌରା ଜଜ (ଏଡିଜେ) -୨ ତଥା ସ୍ୱତନ୍ତ୍ର ପୋସ୍‌କୋ ଜଜ୍ ଜଗଦୀଶ ପ୍ରସାଦ ମହାନ୍ତି ବୁଧବାର ଏକ ବଳାତ୍କାର ମାମଲାର ଶୁଣାଣି କରିଥିଲେ। ପ୍ରମାଣ ଅଭାବରୁ ଅଭିଯୁକ୍ତ ମଙ୍ଗଳା ଓରଫ ପବିତ୍ର କୁମାର ଜେନାଙ୍କୁ ନିର୍ଦ୍ଦୋଷ ସାବ୍ୟସ୍ତ କରିଛନ୍ତି। ପ୍ରକାଶଯେ, ଜଣେ ଯୁକ୍ତ ୨ ଛାତ୍ରୀଙ୍କୁ ମଙ୍ଗଳା ବିବାହ ପ୍ରତିଶ୍ରୁତି ଦେଇ ବଳପୂର୍ବକ ପ୍ରଥମେ ସୁରଟ ଓ ପରେ ପୁରୀରେ ଏକ ଲଜ୍‌ରେ ରଖି ବାରମ୍ବାର ବଳାତ୍କାର କରିଥିଲେ। ୨୦୧୭ ଫେବୃଆରୀ ୨ରେ ଛାତ୍ରୀଙ୍କୁ ଏକ ମନ୍ଦିର ନିକଟରେ ଛାଡ଼ିଦେଇ ଚାଲିଯାଇଥିଲେ। ଶେଷରେ ପୀଡ଼ିତା ଜଣକ ଏନେଇ କବିସୂର୍ଯ୍ୟନଗର ଥାନାରେ ଅଭିଯୋଗ ଲରିଥିଲେ। ପୋଲିସ ମାମଲା ନଂ.୧୭/୧୭ରେ ଅଭିଯୁକ୍ତ ମଙ୍ଗଳାଙ୍କୁ ଗିରଫ କରି କୋର୍ଟ ଚାଲାଣ କରିଥିଲା। ବୁଧବାର ବିଚାର ବେଳେ ୯ ଜଣ ସାକ୍ଷୀଙ୍କ ବୟାନକୁ ଭିତ୍ତି କରି ଅଭିଯୁକ୍ତ ମଙ୍ଗଳାଙ୍କୁ ନିର୍ଦ୍ଦୋଷ ସାବ୍ୟସ୍ତ କରିଛନ୍ତି। ମୁଦାଲାଙ୍କ ତରଫରୁ ଆଇନଜୀବୀ ଦୁଷ୍ମନ୍ତ କୁମାର ଜେନା ମକଦ୍ଦମା ପରିଚାଳନା କରିଥିଲେ।

## ବ୍ରହ୍ମପୁର ମହାନଗରସ୍ତରୀୟ ବିଜ୍ଞାନ ମେଳା

**ବ୍ରହ୍ମପୁର ଅଫିସ୍,୪।୧୨**

ଆସିକା ରୋଡ୍ ସରକାରୀ ବାଳିକା ଉଚ୍ଚ ବିଦ୍ୟାଳୟରେ ବୁଧବାର ବ୍ରହ୍ମପୁର ମହାନଗର ନିଗମସ୍ତରୀୟ ବିଜ୍ଞାନ ମେଳା ଅନୁଷ୍ଠିତ ହୋଇଯାଇଛି। ଏଥିରେ ମୁଖ୍ୟଅତିଥି ଭାବେ ବିଧାୟକ ବିକ୍ରମ କୁମାର ପଣ୍ଡା ଏବଂ ମୁଖ୍ୟବକ୍ତା ପୂର୍ବତନ ବିଧାୟକ ଡା. ରମେଶ ଚନ୍ଦ୍ର ଚ୍ୟାଉପଟ୍ଟନାୟକ ଯୋଗଦେଇଥିଲେ । ରଙ୍ଗେଇଲୁଣ୍ଡା ଗୋଷ୍ଠୀ ଶିକ୍ଷା ଅଧିକାରିଣୀ ଡ. ପ୍ରଭାତୀ କୁମାରୀ ମହାପାତ୍ରଙ୍କ ତତ୍ତ୍ୱାବଧାନରେ ଆୟୋଜିତ କାର୍ଯ୍ୟକ୍ରମରେ ସମ୍ମାନିତ ଅତିଥି ଭାବେ ପୂର୍ବତନ ବିଡ଼ିଏ ଅଧକ୍ଷ ସୁବାସ ମହାରଣା, ପୂର୍ବତନ କର୍ପୋରେଟର୍ ଅନିଲ ନାୟକ, ଜିଲା ବିଜ୍ଞାନ ନିରୀକ୍ଷକ ପନ୍ନଗ ଭୂଷଣ ମାଝି, ମେଡ଼ିକାଲ୍ କ୍ୟାମ୍ପସ ଉଚ୍ଚ ବିଦ୍ୟାଳୟ ପ୍ରଧାନ ଶିକ୍ଷୟିତ୍ରୀ ସୌଦାମିନି ପଟ୍ଟନାୟକ, କୁଇନ୍‌ମିଶନ୍ ହାଇସ୍କୁଲ ପ୍ରଧାନ ଶିକ୍ଷକ ରମେଶ ପଣ୍ଡା, ଏବିଇଓ ଲୋକନାଥ ପାଢୀ, ରବୀନ୍ଦ୍ରନାଥ ତ୍ରିପାଠୀ ଏବଂ ପ୍ରସନ୍ନ ରଥ ପ୍ରମୁଖ ଯୋଗଦେଇଥିଲେ। ଏଥିରେ ବ୍ରହ୍ମପୁର ସହରର ୮୦ ସରକାରୀ ପ୍ରାଥମିକ, ଉଚ୍ଚ ପ୍ରାଥମିକ ଏବଂ ଉଚ୍ଚ ବିଦ୍ୟାଳୟ ଛାତ୍ରୀଛାତ୍ରମାନେ ଭାଗନେଇ ୧୩୦ପ୍ରକଳ୍ପ ପ୍ରଦର୍ଶନ କରିଥିଲେ। ଖଲ୍ଲିକୋଟ ଜୁନିୟର୍ କଲେଜ ଅଧ୍ୟାପିକା ରଶ୍ମିତା ପଣ୍ଡା ଏବଂ ଅଧ୍ୟାପକ ଏ.ସତ୍ୟନାରାୟଣ ସେନାପତି ବେଚାରିପତି ଦାୟିତ୍ୱରେ ଥିଲେ। ଜିଲାସ୍ତରୀୟ ପ୍ରତିଯୋଗିତାକୁ ଆସିକା ରୋଡ୍ ବାଳିକା ଉଚ୍ଚ ବିଦ୍ୟାଳୟର ସ୍ନେହାରାଣୀ ପାଣିଗ୍ରାହୀ, ଭି.ଭି.ଗିରି ବାଳିକା ଉଚ୍ଚ ବିଦ୍ୟାଳୟର ଭାଲେଣ୍ଟିନା ରାଉଳ, ମେଡ଼ିକାଲ୍ କ୍ୟାମ୍ପସ୍ ହାଇସ୍କୁଲର ଆଶୁତୋଷ ରଥ, ସିଟି ହାଇସ୍କୁଲ୍‌ର ଇର୍‌ଫାନ୍ ଖାନ୍, ୧୩୨ କେ.ଭି. ଲାଇନ୍ ବିଦ୍ୟାଳୟର ରାକ୍ଷୀ ସାହୁ, କବିସୂର୍ଯ୍ୟ ଉଚ୍ଚ ପ୍ରାଥମିକ ବିଦ୍ୟାଳୟର ନେହା ମହାରଣା ମନୋନୀତ ହୋଇଛନ୍ତି। ପ୍ରଧାନ ଶିକ୍ଷୟିତ୍ରୀ ଉଷାରାଣୀ ମହାପାତ୍ର ସଭାକାର୍ଯ୍ୟ ପରିଚାଳନା କରିଥିଲେ। ଜୟସେନ ପ୍ରଧାନ, ତାରା ମିଶ୍ର, ପରମେଶ୍ୱର ପାଣିଗ୍ରାହୀ, ଲୋକନାଥ ସାହୁ, କିର୍ତ୍ତିଶ୍ରୀ ଦାସ, ମମତା ପାଣିଗ୍ରାହୀ, ରାଜେଶ ତାରିଣୀ, ସୀମାଞ୍ଚଳ ମିଶ୍ର, ବିଷ୍ଣୁ ପ୍ରସାଦ ଆଚାର୍ଯ୍ୟ, ରାଧାବଲ୍ଲଭ ପଟ୍ଟନାୟକ, ପ୍ରମୋଦ ପଣ୍ଡା ପରିଚାଳନାରେ ସହଯୋଗ କରିଥିଲେ। ଭାରପ୍ରାପ୍ତ ପ୍ରଧାନ ଶିକ୍ଷକ ବିଜୟ କୁମାର ବେହେରା ଧନ୍ୟବାଦ ଦେଇଥିଲେ ।

### ଉପଖଣ୍ଡସ୍ତରୀୟ ପଟ୍ଟା ବଣ୍ଟନ କାର୍ଯ୍ୟକ୍ରମ

# ‘ପଟ୍ଟା ସହ ଜମିର ସୀମା ନିର୍ଦ୍ଧାରଣ କର’

**ବ୍ରହ୍ମପୁର ଅଫିସ୍,୪।୧୨**

ନିରାଶ୍ରୟଙ୍କୁ ଆଶ୍ରୟ ଦେବା ପାଇଁ ରାଜ୍ୟ ସରକାର ଗୁରୁତ୍ୱ ଦେଉଛନ୍ତି । ଗ୍ରାମାଞ୍ଚଳରେ ଯେଉଁମାନେ ଜମି ନ ଥିବା ଯୋଗୁ ବାସଗୃହ ନିର୍ମାଣ କରିପାରୁନାହାନ୍ତି, ସେମାନଙ୍କ ସମସ୍ୟା ଦୂର କରାଯାଇଛି। ଜମିହୀନମାନେ ତହସିଲ୍‌ରେ ଆବେଦନ କରିବା ପରେ ତଦନ୍ତ କରାଯାଇ ସେମାନଙ୍କୁ ୪ଡେସିମିଲ୍ ସରକାରୀ ଜମି ପ୍ରଦାନ ବ୍ୟବସ୍ଥା ରହିଛି। ଜମି ମାଲିକାନା ଭାବେ ‘ବସୁନ୍ଧରା’ ପଟ୍ଟା ଦିଆଯାଉଛି। ଅନେକ ସମୟରେ ଦେଖିବାକୁ ମିଳୁଛି ଯେ, ତହସିଲଦାର ଏବଂ ଆର୍‌ଆଇମାନେ ଯେଉଁ ଜମି ଦେଉଛନ୍ତି, ପୂର୍ବରୁ ସେଇ ଜମିକୁ ଆଉ ଜଣେ ଦଖଲ କରିଛନ୍ତି। ଆର୍‌ଆଇମାନେ ଟଙ୍କା ନେଇ ଜମି ଦେଉଥିବା ଯୋଗୁ ଅଯଥାରେ ଦୁଇ ଜଣଙ୍କ ମଧ୍ୟରେ ଝଗଡ଼ା ହେଉଛି। ଏଣୁ ଖାଲି ପଟ୍ଟା ଦେଲେ ହେବ ନାହିଁ । ଜମି ଡିର୍ମାକେସନ୍ (ଚିହ୍ନଟ ବା ସୀମା ନିର୍ଦ୍ଧାରଣ)କରାଇ ହିତାଧିକାରୀଙ୍କୁ ହସ୍ତାନ୍ତର ପ୍ରତି ତହସିଲଦାର ଏବଂ ଆର୍‌ଆଇମାନେ ଧ୍ୟାନ ଦେବା ଆବଶ୍ୟକ ବୋଲି ବାଚସ୍ପତି ସୂର୍ଯ୍ୟନାରାୟଣ ପାତ୍ର ପ୍ରକାଶ କରିଛନ୍ତି ।

ସ୍ଥାନୀୟ ଖଲ୍ଲିକୋଟ କଲେଜ ଷ୍ଟାଡିୟମ୍‌ରେ ବୁଧବାର ଆୟୋଜିତ ଉପଖଣ୍ଡସ୍ତରୀୟ ପଟ୍ଟା ବଣ୍ଟନ କାର୍ଯ୍ୟକ୍ରମରେ ମୁଖ୍ୟଅତିଥି ଭାବେ ଯୋଗଦେଇ ବାଚସ୍ପତି ପାତ୍ର ଏହା କହିଥିଲେ। ସେ ଆହୁରି କହିଥିଲେ, ମାଡ୍ରାସ୍ ପ୍ରେସିଡେନ୍ସି ଅଧୀନରେ ରହିବା ସମୟରୁ ଗଞ୍ଜାମର ଅଧିକାଂଶ ଜମି ଗ୍ରାମକଣ୍ଠ ପରମବୋକ କିଶମ ଭାବେ ରହିଛି । ଏଣୁ ଝିଅ ବାହାଘର ହେଉ ଅବା ଚିକିତ୍ସା, ଅତ୍ୟାବଶ୍ୟକ ସମୟରେ ଜମି ବିକ୍ରି କରାଯାଇପାରୁନି। ମୁଖ୍ୟମନ୍ତ୍ରୀ ନବୀନ ପଟ୍ଟନାୟକ କିଛି ବର୍ଷ ପୂର୍ବେ ସେଇ ଜମିକୁ ରୟତ କରିବାକୁ ନିର୍ଦ୍ଦେଶ ଦେଇଥିଲେ। ଗ୍ରାମକଣ୍ଠ ପରମବୋକରୁ ରୟତ ଭାବେ କିଷମ ବଦଳିବା ପରେ ସହଜରେ ବିକ୍ରି ଏବଂ ଘର ନିର୍ମାଣ କରାଯାଇପାରୁଛି। ‘ମୋ ଗାଁରେ ତହସିଲ୍’ କାର୍ଯ୍ୟକ୍ରମରେ ତୃଣମୂଳସ୍ତରରେ କ୍ୟାମ୍ପ ବସାଇ ପଟ୍ଟା ପ୍ରଦାନ କାର୍ଯ୍ୟକୁ ତ୍ୱରିତ କରାଯାଇପାରିଛି ବୋଲି ବାଚସ୍ପତି ପାତ୍ର ପ୍ରକାଶ କରିଛନ୍ତି ।

ଜିଲାପାଳ ବିଜୟ ଅମୃତା କୁଲାଙ୍ଗେ ଅଧ୍ୟକ୍ଷତା କରି କହିଥିଲେ, ବ୍ରହ୍ମପୁର ଉପଖଣ୍ଡ ଅଞ୍ଚଳରେ ‘ମୋ ଗାଁରେ ତହସିଲ୍’ କାର୍ଯ୍ୟକ୍ରମକୁ ସଫଳତା ମିଳିପାରିଛି । ଜିଲାବ୍ୟାପି ଏହା ଆୟୋଜିତ ହେବ। କାର୍ଯ୍ୟକ୍ରମରେ ଗ୍ରାମକଣ୍ଠ ପରମ୍‌ବୋକ, ବେବନ୍ଦୋବସ୍ତ ଏବଂ ବସୁନ୍ଧରା ପଟ୍ଟା ବଣ୍ଟନ କରାଯାଇଥିଲା । ବ୍ରହ୍ମପୁର ତହସିଲ୍‌ର ୧୧୪, କନିଷିର ୩୬୫, କୁକୁଡ଼ାଖଣ୍ଡିର ୯୪୫, ଚିକିଟିର ୬୨୭, ପାତ୍ରପୁରର ୫୬୬, ସାନଖେମୁଣ୍ଡିର ୪୩୩ ଏବଂ ଦିଗପହଣ୍ଡିର ୧୨୨ ଆଦି ମୋଟ ୩୧୭୨ ହିତାଧିକାରୀଙ୍କୁ ପଟ୍ଟା ଦିଆଯାଇଥିଲା। ସମ୍ମାନିତ ଅତିଥି ଭାବେ ଚିକିଟି ବିଧାୟିକା ଉଷା ଦେବୀ, ଗୋପାଳପୁର ବିଧାୟକ ଡ. ପ୍ରଦୀପ କୁମାର ପାଣିଗ୍ରାହୀ, ବ୍ରହ୍ମପୁର ବିଧାୟକ ବିକ୍ରମ କୁମାର ପଣ୍ଡା, ଅତିରିକ୍ତ ଜିଲାପାଳ(ରାଜସ୍ୱ) ଲକ୍ଷ୍ମୀକାନ୍ତ ସେଠୀ ଏବଂ ଉପଜିଲାପାଳ ସିନ୍ଦେ ଦତ୍ତାତ୍ରୟ ଭାଉସାହେବ ପ୍ରମୁଖ ମଞ୍ଚାସୀନ ଥିଲେ ।



ମୁଖ୍ୟଅତିଥି ବାଚସ୍ପତି ସୂର୍ଯ୍ୟନାରାୟଣ ପାତ୍ର ଜଣେ ମହିଳାଙ୍କୁ ପଟ୍ଟା ବଣ୍ଟନ କରୁଛନ୍ତି ।

**୭ ତହସିଲ୍‌ର ୩୧୭୨ ହିତାଧିକାରୀଙ୍କୁ ପଟ୍ଟା ପ୍ରଦାନ**

## ସଂକ୍ଷେପରେ

### କଲେଜ ଛାତ୍ରୀଙ୍କୁ ବଳାତ୍କାର ମାମଲା ଜେଲ ଗଲେ ଅଭିଯୁକ୍ତ

**ଦିଗପହଣ୍ଡି,୪।୧୨(ଡି.ଏନ୍.ଏ.):** ଦିଗପହଣ୍ଡି ବ୍ଲକ ଅଧୀନ ଏକ ଗାଁରେ ଜଣେ ଯୁକ୍ତ ୨ କଲେଜ ଛାତ୍ରୀଙ୍କୁ ଅପହରଣ ଓ ବଳାତ୍କାର ମାମଲାରେ ଅଭିଯୁକ୍ତଙ୍କୁ ବୁଧବାର କେ. ନୂଆଗାଁ ପୋଲିସ ବ୍ରହ୍ମପୁର ଜିଲା ଦୌରାଜଜ କୋର୍ଟକୁ ଚାଲାଣ କରିଛନ୍ତି। ସେ ହେଲେ ସଚ୍ଚିଦାନନ୍ଦ ସାହୁ ଓରଫ ମିଥୁନ। ନଂ.୨୨୬/୧୯ ଅନୁଯାୟୀ ଜାମିନ ନାମଞ୍ଜୁର ହେବାରୁ ତାଙ୍କୁ ବ୍ରହ୍ମପୁର ଜେଲ ହାଜତକୁ ପଠାଇ ଦିଆଯାଇଛି। ନାବାଳିକା କଲେଜ ଛାତ୍ରୀ ଜଣକ ଗତ ନଭେମ୍ବର ୬ରେ କଲେଜ ଯାଇ ଘରକୁ ଫେରି ନ ଥିଲେ। ପରଦିନ ଛାତ୍ରୀଙ୍କ ବାପା ଏନେଇ ଥାନାରେ ଏତଲା ଦେଇଥିଲେ। ଛାତ୍ରୀଙ୍କ ଘର ସମ୍ମୁଖରେ ଫାଷ୍ଟଫୁଡ ଦୋକାନ କରିଥିବା ମିଥୁନ ବିଭିନ୍ନ ମିଥ୍ୟା ପ୍ରତିଶ୍ରୁତି ଦେଇ ଅପହରଣ କରିନେଇଥିବା ପୋଲିସ ପ୍ରାଥମିକ ତଦନ୍ତରୁ ଜଣାପଡିଥିଲା। ଗତ ମଙ୍ଗଳବାର ଅପହୃତା ଛାତ୍ରୀଙ୍କୁ କେ. ନୂଆଗାଁ ପୋଲିସ କେନ୍ଦ୍ରାପଡ଼ା ଟାଉନ ଥାନା ପୋଲିସ ସହାୟତାରେ ତିନିମୁହାଣିରୁ ଉଦ୍ଧାର କରି ଅଭିଯୁକ୍ତ ମିଥୁନଙ୍କୁ ଗିରଫ କରିଥିଲେ।

### ମହିଳାଙ୍କୁ ମାରପିଟ ଅଭିଯୋଗରେ ୨ ଗିରଫ

**ବୁଗୁଡ଼ା,୪।୧୨(ଡି.ଏନ.ଏ.):** ବୁଗୁଡ଼ା ଏନ୍ଏସି କାଦପଡ଼ା ଗ୍ରାମର ଜଣେ ମହିଳାଙ୍କୁ ଟଣାଓଟରା ଓ ମାରପିଟ ଅଭିଯୋଗରେ ପୋଲିସ ବୁଧବାର ୨ ଜଣଙ୍କୁ କୋର୍ଟଚାଲାଣ କରିଛି। ଗିରଫମାନେ ହେଲେ ଉକ୍ତ ଥାନା ଭାମଶିଆଳିର କେଶବ ଜେନା ଓ ଗୋଲାମୁଣ୍ଡଳାର ରଞ୍ଜିତ ଗୌଡ଼। ମହିଳାଙ୍କ ଅଭିଯୋଗକୁ ଭିତ୍ତିକରି ବୁଗୁଡ଼ା ପୋଲିସ ନଂ.୨୭୯/୧୯ରେ ଏକ ମାମଲା ରୁଜୁ କରିଛି। ପ୍ରକାଶ ଯେ, କାଦପଡ଼ାର ରଞ୍ଜିତା ପ୍ରଧାନ ୪ ମାସ ତଳେ ଘର ତିଆରି କରିବା ପାଇଁ ତାଙ୍କ ମାଉସୀଙ୍କଠାରୁ ୪୦ ହଜାର ଟଙ୍କା ଧାର ଆଣିଥିଲେ। ସେହି ପଇସା ନେବାକୁ ମାଉସୀ ନିଜ ସମ୍ପର୍କୀୟ କେଶବ ଓ ରଞ୍ଜିତଙ୍କୁ ଧରି ନଭେମ୍ବର ୨୫ରେ କାଦପଡ଼ା ଆସି ରଞ୍ଜିତାଙ୍କୁ ମାଗିଥିଲେ। କିନ୍ତୁ ସେ ମନା କରିବାରୁ ଉଭୟଙ୍କ ମଧ୍ୟରେ ପାଟିତୁଣ୍ଡ ହୋଇଥିଲା। ଏଥିରେ ରାଗିଯାଇ କେଶବ ଓ ରଞ୍ଜିତ ମହିଳାଙ୍କୁ ମାରପିଟ କରିବା ସହ ତାଙ୍କୁ ଟଣାଓଟରା କରିଥିଲେ। ଏ ନେଇ ରଞ୍ଜିତା ନଭେମ୍ବର ୨୮ତାରିଖରେ ଥାନାରେ ଏତଲା ଦେଇଥିଲେ।

# ୨୬ କି.ମି. ଚାଲିଲେ ୫୪ ଛାତ୍ର

**ବେଲଘର ସରକାରୀ ଉଚ୍ଚ ବିଦ୍ୟାଳୟ**

**ତୁମୁଡିବନ୍ଧ,୪।୧୨(ଡି.ଏନ୍.ଏ.)**

ଦୀର୍ଘଦିନଧରି ଶିକ୍ଷକ ପଦବୀ ପୂରଣ ହେଲାନି, ପାଠ ପଢାରେ ବହୁ ଅସୁବିଧା ହେଲା, ଶେଷରେ ଛାତ୍ରମାନେ ପାହାଡ଼ ପର୍ବତ ଘେରା ୨୬ କି.ମି. ରାସ୍ତା ଚାଲିଚାଲି ବ୍ଲକ କାର୍ଯ୍ୟାଳୟରେ ପହଞ୍ଚି ପ୍ରଶାସନକୁ ଗୁହାରି ଜଣାଇଲେ।

**ଶିକ୍ଷକ ପଦବୀ ପୂରଣ ଦାବି**


ଛାତ୍ରମାନେ ବ୍ଲକ ଅଭିମୁଖେ ଚାଲିଚାଲି ଯାଉଛନ୍ତି।

ଏପରି ଏକ ଅଭାନୀୟ ଘଟଣା ଘଟିଛି କନ୍ଧମାଳ ଜିଲା ତୁମୁଡ଼ିବନ୍ଧ ବ୍ଲକରେ।

ତୁମୁଡ଼ିବନ୍ଧ ବ୍ଲକ ବେଲଘର ପଞ୍ଚାୟତରେ ରହିଛି ସରକାରୀ ଉଚ୍ଚ ବିଦ୍ୟାଳୟ। ଏହି ସ୍କୁଲରେ ଷଷ୍ଠରୁ ଦଶମ ଶ୍ରେଣୀ ପର୍ଯ୍ୟନ୍ତ ପାଖାପାଖି ୩୭୫ ଛାତ୍ରୀଛାତ୍ର ପଢନ୍ତି। ୧୪ ଜଣ ଶିକ୍ଷକ ପଦବୀ ଥିବାବେଳେ ମାତ୍ର ୬ ରୁ ୭ ଜଣ ଶିକ୍ଷକ ଅଛନ୍ତି। କୌଣସି କାମରେ ଜଣେ ୨ଜଣ ଶିକ୍ଷକ ଅନୁପସ୍ଥିତ ରହିଲେ ଉକ୍ତଦିନ ପାଠପଢା ଗୁରୁତର ବାଧାପ୍ରାପ୍ତ ହୋଇଥାଏ। ବିଜ୍ଞାନ ଏବଂ ଗଣିତ ଶିକ୍ଷକ ନ ଥିବାରୁ କଳା ଶିକ୍ଷୟିତ୍ରୀ ଶିକ୍ଷକମାନେ ଶିକ୍ଷାଦାନ କରୁଛନ୍ତି। ଫଳରେ ଛାତ୍ରୀଛାତ୍ରଙ୍କୁ ପାଠ ବୁଝିବାରେ ଅସୁବିଧା ହେଉଛି। ବାରମ୍ବାର ଶିକ୍ଷକ ପଦବୀ ପୂରଣ ପାଇଁ ଅଭିଭାବକ ଓ ଛାତ୍ରୀଛାତ୍ରମାନେ ପ୍ରଶାସନ ନିକଟରେ ଦାବି କରିଆସୁଥିଲେ ମଧ୍ୟ କିଛି ସୁଫଳ ମିଳୁ ନ ଥିଲା। ଶେଷରେ ବୁଧବାର ଭୋର ୩ଟାରୁ ପ୍ରବଳ ଶୀତରେ ୫୪ଜଣ ଛାତ୍ର ଜଙ୍ଗଲଘେରା ରାସ୍ତାରେ ୨୬ କି.ମି. ଚାଲିଚାଲି ତୁମୁଡ଼ିବନ୍ଧ ବ୍ଲକ କାର୍ଯ୍ୟାଳୟରେ ପହଞ୍ଚିଥିଲେ। ୫ ଘଣ୍ଟାରୁ ଊର୍ଦ୍ଧ୍ୱ ସମୟ ଧରି ମୁଖ୍ୟରାସ୍ତାରେ ଚାଲିଚାଲି ଆସୁଥିଲେ ମଧ୍ୟ ପ୍ରଶାସନ ପାଖରେ କୌଣସି ଖବର ନଥିଲା।

ତେବେ ଛାତ୍ରମାନେ ତୁମୁଡ଼ିବନ୍ଧ ବ୍ଲକ କାର୍ଯ୍ୟାଳୟରେ ପହଞ୍ଚିବାପରେ ପ୍ରଶାସନ ପକ୍ଷରୁ ଆଶ୍ୱାସନା ଦିଆଯିବା ସହ ବିସ୍କୁଟ ଏବଂ ପାଣି ବ୍ୟବସ୍ଥା କରାଯାଇଥିଲା। ତୁମୁଡ଼ିବନ୍ଧ ଭାରପ୍ରାପ୍ତ ବିଡିଓ କୈଳାଶ ଚନ୍ଦ୍ର ମୁର୍ମୁ, ବ୍ଲକ ଅଧ୍ୟକ୍ଷ ପ୍ରକାଶ ଚନ୍ଦ୍ର ପାତ୍ର, ବ୍ଲକ ସାମାଜିକ ସୁରକ୍ଷା ଅଧିକାରୀ (ବିଏସ୍ଏସ୍ଓ) ମନୋଜ କୁମାର ସାହୁ ଓ ଜନମଙ୍ଗଳ ଅଧିକାରୀ ଏକଗାଡ଼ି କରି ଛାତ୍ରମାନଙ୍କୁ ବିଦ୍ୟାଳୟକୁ ନେଇଥିଲେ। ସେଠାରେ ସମ୍ପୃକ୍ତ ଅଧିକାରୀମାନେ ମଧ୍ୟ ଯାଇ ପହଞ୍ଚି ଆଲୋଚନା ପରେ କୃଷ୍ଣଚନ୍ଦ୍ର ବାଳିଆରସିଂଙ୍କୁ ଅସ୍ଥାୟୀ ଶିକ୍ଷକ ଭାବେ ନିଯୁକ୍ତି ଦେଇଥିଲେ। ଦିନେ ଦୁଇଦିନ ମଧ୍ୟରେ ଆଉ କେତେଜଣ ଶିକ୍ଷକଙ୍କୁ ନିଯୁକ୍ତି ଦିଆଯିବ ବୋଲି ପ୍ରତିଶ୍ରୁତି ଦିଆଯାଇଥିଲା। ଦାବିପୂରଣ ନହେଲେ ପୁଣି ଆନ୍ଦୋଳନ ଚେତାବନୀ ଦେଇଛନ୍ତି ଅଭିଭାବକ।

**ବାଲିଗୁଡ଼ା ପୋଲିସର ଅବକାରୀ ଧରପଗଡ଼**

## ୫ ମଦବେପାରୀ, ୪ ନିଶାସକ୍ତ ଚାଳକ ଗିରଫ

**ବାଲିଗୁଡା,୪।୧୨(ଡି.ଏନ୍.ଏ.)**

ବାଲିଗୁଡା ପୋଲିସ ବିଭିନ୍ନ ସ୍ଥାନରେ ଚଢାଉ କରି ବେଆଇନ ମହୁଲି ମଦ କାରବାର କରୁଥିବା ୫ ଜଣଙ୍କୁ ଗିରଫ କରିବା ସହ ୪ ନିଶାସକ୍ତ ଗାଡି ଚାଳକଙ୍କୁ ଗିରଫ କରି କୋର୍ଟ ଚାଲଣ କରିଛି। ଗିରଫ ମଦ ବେପାରୀମାନେ ହେଲେ ଗାଞ୍ଜିଆ ବେହେରା, ଦେବାନନ୍ଦ ବେହେରା, ଉମେଶ ଚନ୍ଦ୍ର ପାତ୍ର, ହୃଷିକେଶ ବେହେରା ଓ ଦେବାନନ୍ଦ ବେହେରା। ଏମାନଙ୍କୁ ଗିରଫ ପରେ ନଂ.୧୭୬,୧୭୭,୧୭୮,୧୭୯ ଓ ୧୮୦/୧୯ରେ ମାମଲା ରୁଜୁକରି କୋର୍ଟ ଚାଲାଣ କରାଯାଇଛି। ସେହିପରି ମଙ୍ଗଳବାର ରାତିରେ ଏକ ଛକରେ ପୋଲିସ ତରଫରୁ ଗାଡି ଚେକିଂ ସମୟରେ ୪ଜଣ ନିଶାସକ୍ତ ଗାଡି ଚାଳକଙ୍କୁ ଗିରଫ କରାଯାଇଥିଲା। ସେମାନେ ହେଲେ କାମଦେବ ଦିଗାଳ, ପ୍ରଦୀପ ମାଝୀ, ଦଶରଥ ପାତ୍ର ଓ ହେମନ୍ତ ନାୟକ। ଏମାନଙ୍କୁ ଗିରଫ କରି କୋର୍ଟ ଚାଲଣ କରାଯାଇଛି।

## ମାଓବାଦୀ ନାଁରେ ଧମକପୂର୍ଣ୍ଣ ଚିଠି

**ରାଇକିଆ,୪।୧୨(ଡ଼ି.ଏନ.ଏ)**

ରାଇକିଆ ଥାନା ରଣବା ପଞ୍ଚାୟତରୁ ଡିମିରିପଲ୍ଲୀ ରାସ୍ତାରେ ଥିବା ଏକ ବିଦ୍ୟୁତ ଖୁଣ୍ଟରେ ମାଓବାଦୀ ନାଁରେ ଏକ ଧମକପୂର୍ଣ୍ଣ ଚିଠି ମରାଯାଇଛି। ସେଥିରେ ଅଞ୍ଚଳର କେତେଜଣ ଠିକାଦାର ଓ ରାଜନୀତିରେ ସମ୍ପୃକ୍ତ ବ୍ୟକ୍ତିଙ୍କ ନାଁ ରହିଛି। ଏହି ବ୍ୟକ୍ତିମାନେ ଦୁର୍ନୀତିରେ ଲିପ୍ତ ରହିଥିବା ଏବଂ ସେମାନଙ୍କୁ ଜନଅଦାଲତରେ ଦଣ୍ଡିତ କରାଯିବ ବୋଲି ଉଲ୍ଲେଖ କରାଯାଇଛି। ଏ ନେଇ ରାଇକିଆ ଥାନା ଅଧିକାରୀ ଅଲେଖ ଗରଡ଼ିଆ କହିଛନ୍ତି, ଧମକପୂର୍ଣ୍ଣ ଚିଠି ସମ୍ପର୍କରେ ଥାନାରେ କୌଣସି ଅଭିଯୋଗ ହୋଇନାହିଁ। କୌଣସି ବ୍ୟକ୍ତି ମାଓବାଦୀ ନାଁରେ ଧମକ ଦେବାପାଇଁ ଏପରି କରିଥାଇ ପାରନ୍ତି ବୋଲି କହିଛନ୍ତି।

## ପଞ୍ଚାୟତ ଅଫିସ୍‌ରେ ଭତ୍ତା ପ୍ରଦାନ ଦାବି

**ଫୁଲବାଣୀ ଅଫିସ, ୪।୧୨**

ବିଭିନ୍ନ ଯୋଜନାର ହିତାଧିକାରୀଙ୍କୁ ବ୍ୟାଙ୍କରେ ଭତ୍ତା ପ୍ରଦାନ କରିବାକୁ ସରକାର ନିୟମ କରିଛନ୍ତି। ଏହାଦ୍ୱାରା ଗ୍ରାମାଞ୍ଚଳ ତଥା ଦୁର୍ଗମ ଅଞ୍ଚଳରେ ବସବାସ କରୁଥିବା ହିତାଧିକାରୀମାନେ ହଇରାଣ ହେବେ। ଏହାକୁ ବିରୋଧ କରବା ସହ ପୁନଃ ପଞ୍ଚାୟତ କାର୍ଯ୍ୟାଳୟରେ ଭତ୍ତା ପ୍ରଦାନ କରିବାକୁ ଜିଲା ବାର୍ଦ୍ଧକ୍ୟ, ବିଧବା, ଭିନ୍ନକ୍ଷମ ସଂଘ ପକ୍ଷରୁ ଦାବି କରାଯାଇଛି। ବୁଧବାର ଏ ନେଇ ମୁଖ୍ୟମନ୍ତ୍ରୀଙ୍କ ଉଦ୍ଦେଶ୍ୟରେ ଦାବିପତ୍ର ପ୍ରଦାନ କରାଯାଇଛି।

ବ୍ୟାଙ୍କରେ ଟଙ୍କା ଦେଲେ ବହୁ ଅସୁବିଧାର ସମ୍ମୁଖୀନ ହେବାକୁ ପଡିବ। କାରଣ ଅଧିକାଂଶ ଲୋକ ଅବା ହିତାଧିକାରୀ ଜଙ୍ଗଲ ପାହାଡ ଘେରା ଅଞ୍ଚଳରେ ରହଛନ୍ତି। କେଉଁଠି ବ୍ୟାଙ୍କଠାରୁ ଘରର ଦୂରତା ୪୦-୫୦ କିମି ହେବ। ଗାଡ଼ି ଭଡ଼ା ଏବଂ ଖାଇବା ପିଇବାରେ ଭତ୍ତା ଟଙ୍କା ସରିଯିବ। ଦିବ୍ୟାଙ୍ଗମାନେ ବ୍ୟାଙ୍କ ଯିବା ସମ୍ଭବପର ନୁହେଁ। ବୃଦ୍ଧାବୃଦ୍ଧଙ୍କୁ ବ୍ୟାଙ୍କ ଭିଡରେ ବହୁ ସମୟ ଅପେକ୍ଷା କରିବାକୁ ପଡିବ। ଅଧିକାଂଶ ପଢ଼ାଲେଖା ଜାଣି ନ ଥିବାରୁ ଅନ୍ୟ ଜଣଙ୍କୁ ସାଙ୍ଗରେ ନେଇ ତାଙ୍କ ପାଇଁ ଅଯଥା ଖର୍ଚ୍ଚାନ୍ତ ହେବେ। ତେଣୁ ସରକାର ପୂର୍ବଭଳି ପଞ୍ଚାୟତରେ ଭତ୍ତା ପ୍ରଦାନ କରନ୍ତୁ ବୋଲି ହିତାଧିକାରୀ ବିଘ୍ନେଶ କହଁର, ସୋମନାଥ ଦିଗାଲ, ସୌରୀ ଦିଗାଲ, ଉତ୍ସବ ଦିଗାଲ, ଶିବ ଦିଗାଲ, ମିନି ଦିଗାଲ, ସୁମିତ୍ରା ଦେହୁରୀ ପ୍ରମୁଖ ପ୍ରକାଶ କରିଛନ୍ତି। ଏଥିସହ ଭତ୍ତା ଟଙ୍କା ୨୦୦୦ କୁ ବୃଦ୍ଧି କରିବାକୁ ଦାବି କରଛନ୍ତି। ସଂଘ ସଭାପତି ଗୀତାଞ୍ଜଳି କହଁର, ଉପ ସଭାପତି ଜଳନ୍ଧର କହଁର, ସମ୍ପାଦକ ଜୟଦେବ ଦିଗାଲ, ସହ ସମ୍ପାଦକ କୁମ୍ଭ ବିଶୋଇ, କୋଷାଧ୍ୟକ୍ଷ କୁମ୍ଭ ବିଶୋଇଙ୍କ ନେତୃତ୍ୱରେ ହିତାଧିକାରୀମାନେ ଜିଲା ପ୍ରଶାସନକୁ ଭେଟି ଦାବିପତ୍ର ପ୍ରଦାନ କରିଛନ୍ତି।



ଭତ୍ତା ହିତାଧିକାରୀମାନେ।

## ଗଛରେ ପିଟି ହେଲା କାର୍, ଚାଳକ ମୃତ

**ଫୁଲବାଣୀ ଅଫିସ, ୪।୧୨**

ଫୁଲବାଣୀ ସହର ଏଫ୍‌ସିଆଇ ଛକରୁ ଅଳ୍ପ ଦୂର ନିଶ୍ୱାସ କଲେଜ୍ ପାଖରେ ବୁଧବାର ଏକ କାର୍ ଗଛରେ ପିଟି ହେବାରୁ ଚାଳକଙ୍କ ମୃତ୍ୟୁ ଘଟିଥିବାବେଳେ ପଛରେ ବସିଥିବା ଜଣେ ମହିଳା ଏବଂ ଶିଶୁ ଗୁରୁତର ହୋଇଛନ୍ତି। ମୃତ ଡ୍ରାଇଭର ଫୁଲବାଣୀ ଅଞ୍ଚଳର ପ୍ୟାରୁ ବୋଲି ଜଣାପଡିଛି। ଗୁରୁତର ଆହତ ସ୍ଥାନୀୟ ଜିରିଙ୍ଗପଡାର ମଞ୍ଜୁ ନାୟକ ଓ ତାଙ୍କ ୯ ବର୍ଷୀୟ ପୁଅଙ୍କୁ ପ୍ରଥମେ ଫୁଲବାଣୀ ଓ ପରେ ବ୍ରହ୍ମପୁର ମେଡିକାଲ ସ୍ଥାନାନ୍ତର କରାଯାଇଛି। ମଞ୍ଜୁ ଓ ତାଙ୍କ ପୁଅ କୌଣସି କାର୍ଯ୍ୟରେ ଯାଇ ଖଜୁରିପଡା ଗୁଦାରି ପଟୁ ଫୁଲବାଣୀ ଫେରୁଥିଲେ। ନିଶ୍ୱାସ କଲେଜ ପାଖ ବୁଲାଣିରେ ଚାଳକ ଭାରସାମ୍ୟ ହରାଇବାରୁ କାର୍‌ଟି ଗଛରେ ପିଟି ହୋଇଥିଲା। ଅଗ୍ନିଶମ କର୍ମଚାରୀ ପହଞ୍ଚି ସମସ୍ତଙ୍କୁ ଗାଡିରୁ ଉଦ୍ଧାର କରିଥିଲେ।

## ଏମ୍‌ଜିଏନ୍‌ଆର୍‌ଇଜିଏସ୍ ଜନଶୁଣାଣି



ଜନଶୁଣାଣିରେ ଉପସ୍ଥିତ ଅଧିକାରୀ ଓ ଅନ୍ୟମାନେ।

**ରାଇକିଆ,୪।୧୨(ଡି.ଏନ୍.ଏ.)**

ରାଇକିଆ ବ୍ଲକ ସଭାଗୃହ ଠାରେ ବୁଧବାର ମହାତ୍ମା ଗାନ୍ଧୀ ଜାତୀୟ ଗ୍ରାମୀଣ ନିଶ୍ଚିତ କର୍ମ ନିଯୁକ୍ତି ଯୋଜନାର ଜନଶୁଣାଣି ଅନୁଷ୍ଠିତ ହୋଇଯାଇଛି। ପ୍ରକଳ୍ପ ନିର୍ଦ୍ଦେଶକ ବିଶ୍ୱନାଥ ବାରିକଙ୍କ ଅଧ୍ୟକ୍ଷତାରେ ଅନୁଷ୍ଠିତ ଏହି ଶିବିରରେ ୨୦୧୮-୧୯ ଆର୍ଥିକ ବର୍ଷରେ ହୋଇଥିବା ବିଭିନ୍ନ ପ୍ରକଳ୍ପ ସମ୍ପର୍କରେ ସୂଚନା ଦିଆଯାଇଥିଲା। ଏଥିସହ ଜବକାର୍ଡ଼ ଧାରୀ ଶ୍ରମିକଙ୍କ ସମସ୍ୟା ଶୁଣାଯାଇଥିଲା। ଗତ ୬ ମାସ ମଧ୍ୟରେ ୨ଲକ୍ଷ ୭୬ ହଜାର ୭୩୭ ଶ୍ରମ ଦିବସ ସୃଷ୍ଟି କରାଯାଇଥିବାବେଳେ ୩୦୪ ଜଣଙ୍କୁ ୧୦୦ ଦିନର କାମ ଯୋଗାଇ ଦିଆଯାଇଛି। ଏଥିପାଇଁ ୬କୋଟି ୯୬ ଲକ୍ଷ ୮୮ ହଜାର ଟଙ୍କା ଖର୍ଚ୍ଚ କରାଯାଇଛି। ଆବେଦନ କରିଥିବା ୫୯୩୦ ଜଣ ଜବକାର୍ଡ଼ଧାରୀଙ୍କୁ କାମ ଦିଆଯାଇଥିଲା। ମୋଟ ୫୩୭ ପ୍ରକଳ୍ପ ହାତକୁ ନିଆଯାଇଥିବାବେଳେ ସେଥିମଧ୍ୟରୁ ୩୪୭ଟି ସମ୍ପୂର୍ଣ୍ଣ ହୋଇଥିବା ସୂଚନା ଦିଆଯାଇଥିଲା। ଜନଶୁଣାଣିରେ ବିଡ଼ିଓ ପ୍ରବୀଣ କୁମାର ବାଣ୍ଡୁଆ, ବ୍ଲକ ଅଧ୍ୟକ୍ଷା ମାନିନୀ ପ୍ରଧାନ ଉପାଧ୍ୟକ୍ଷ ସୁରେଶ ପ୍ରଧାନ, ଜିଲା ପରିଷଦ ସଭ୍ୟା ଫୁଲିମା ଦଳ ବେହେରା, ଏପିଓ ବିକାଶ ପଣ୍ଡା, ସାହାରା ସମ୍ପାଦକ ସୁକାନ୍ତ ନାୟକ, ସହକାରୀ ଯନ୍ତ୍ରୀ, ଜିପିଟିଏ, ସମସ୍ତ ସରପଞ୍ଚ, ସମିତିସଭ୍ୟ, କାର୍ଯ୍ୟ ନିର୍ବାହୀ ଅଧିକାରୀ ପ୍ରମୁଖ ଉପସ୍ଥିତ ଥିଲେ।






## ଯୁବକଙ୍କୁ ମରଣାନ୍ତକ ଆକ୍ରମଣ, ବସ୍ ଚାଳକ ଅଟକ

**ଦାରିଙ୍ଗବାଡ଼ି,୪।୧୨(ଡି.ଏନ.ଏ)**

ଦାରିଙ୍ଗବାଡ଼ି ଥାନା ସିମନବାଡ଼ି ଅଞ୍ଚଳରେ ମଙ୍ଗଳବାର ବିଳମ୍ବିତ ରାତିରେ ଏକ ଘରୋଇ ବସ୍ ଚାଳକଙ୍କ ଆକ୍ରମଣରେ ଗ୍ରାମର ମହାଦେବ ମାଝୀ ଗୁରୁତର ଆହତ ହୋଇଛନ୍ତି। ବୁଧବାର ପୂର୍ବାହ୍ନରେ ମହାଦେବ ତାଙ୍କ ୨ ଭାଇଙ୍କ ସହ ଦାରିଙ୍ଗବାଡ଼ି ଥାନାକୁ ଅଭିଯୋଗ କରିବାକୁ ଯାଇଥିବାବେଳେ କେତେକ ଲୋକେ ଆପୋଷ ସମାଧାନ ପାଇଁ ଡାକିଥିଲେ। ଦୁଇପକ୍ଷଙ୍କ ମଧ୍ୟରେ ସମାଧାନ ହେବା ପରେ ଲିଖିତ ଚୁକ୍ତିନାମା ହୋଇଥିଲା। ପରେ ଚାଳକ ଏବଂ କେତେଜଣ ଯୁବକ ବସ୍ ନେବାକୁ ସିମନବାଡ଼ି ଯାଇ ସେଠାରେ ଗ୍ରାମବାସୀଙ୍କୁ ଗାଳିଗୁଲଜ କରିଥିଲେ। ଚାଳକ ବସ୍ ଚଢାଇ ମାରିଦେବାକୁ ମଧ୍ୟ ଧମକ ଦେଇଥିଲେ। ସିମନବାଡ଼ି ଗ୍ରାମବାସୀ ଏବଂ ଦାରିଙ୍ଗବାଡ଼ି ଅଞ୍ଚଳର କେତେଜଣ ଯୁବକଙ୍କର ବସ୍ ଚାଳକଙ୍କ ହାତାହାତି ହୋଇଥିଲା। ଦାରିଙ୍ଗବାଡ଼ି ଆଇଆଇସି କୌଶିକ ମାଝୀ ସଦଳବଳ ପହଞ୍ଚି ତଦନ୍ତ କରିବା ସହ ଚାଳକଙ୍କୁ ଥାନାରେ ଅଟକ ରଖିଛନ୍ତି।

ପ୍ରକାଶଯେ ମଙ୍ଗଳବାର ବସ୍‌ଟି ବ୍ରହ୍ମପୁରରୁ ଆସି ରାତି ୧୦ଟାରେ ସିମନବାଡ଼ିରେ ରହିଥିଲା। ମହାଦେବଙ୍କ ଜଣେ ସମ୍ପର୍କୀୟ ରାତି ପ୍ରାୟ ୧୧ଟାରେ ଆସି ତାଙ୍କ ଅଟୋରେ ତେଲ ସରିଯାଇଥିବାରୁ ସହଯୋଗ କରିବାକୁ ଡାକିଥିଲେ। ପାଖ ବଜାରରେ ଥିବା ଏକ ଦୋକାନୀକୁ ମହାଦେବ ଡିଜେଲ ଦେବାକୁ ଡାକିଥିଲେ। ପାଟି ଶୁଣି ବସ ଚାଳକ ବାହାରକୁ ଆସି ମହାଦେବଙ୍କୁ ମାଡ ମାରିଥିଲେ। ପରିବାର ଲୋକେ ପହଞ୍ଚିବାରୁ ଚାଳକ ଏବଂ ଅନ୍ୟଷ୍ଟାଫ ଫେରାର ହୋଇଯାଇଥିଲେ।


ସିମନବାଡ଼ି ଅଞ୍ଚଳବାସୀଙ୍କ ସହ ଆଇଆଇସି କୌଶିକ ମାଝୀ ଆଲୋଚନା କରୁଛନ୍ତି।








1-Printed and published by Tathagata Satpathy on behalf of Navajat Printers & Media Pvt. Ltd. and printed at Navajat Printers, B-15, Industrial Estate, Rasulgarh, Bhubaneswar. Published at 11/2, Industrial Estate, Berhampur, Editor - Tathagata Satpathy, ସମ୍ପାଦକ-ତଥାଗତ ସତପଥୀ